# NATIONAL NEWS BULLETIN (ODIA)

**5 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦୁଇଦିନିଆ ସରକାରୀ ଗସ୍ତରେ ଫିଜିରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ରାଜ୍ୟସଭାର ଶୂନ୍ୟକାଳରେ ଆଜି ଜନକଲ୍ୟାଣ ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ହେଲା ଆଲୋଚନା ।
- ବଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସାତ୍ମକ ସଂଘର୍ଷରେ ୧୩ ପୁଲିସ କର୍ମୀଙ୍କ ସମେତ ୯୦ମୃତ ।
- ସୁରକ୍ଷା କାରଣରୁ ଅମରନାଥ ଯାତ୍ରା ଆଜି ପାଇଁ ସ୍ଥଗିତ ।

ଏବଂ

- ମହାରାଷ୍ଟ୍ରର ପୁଣେରେ ଜିକା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା ୭୨କୁ ବୃଦ୍ଧି ।

## ପ୍ରେସିଡେଣ୍ଟ-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ସରକାରୀ ଗସ୍ତରେ ଫିଜିର ନାଡିରେ ପହଞ୍ଚିଛନ୍ତି । ରାଷ୍ଟ୍ରପତିଙ୍କୁ ସେଠାକାର ଉପ ପ୍ରଧାନମନ୍ତ୍ରୀ ୱିଲିୟମ ଗାବୋକା ଏବଂ ଭାରତର ଉଚ୍ଚାୟୁକ୍ତ ପି.ଏସ୍. କାର୍ତ୍ତିକେୟନ ସ୍ୱାଗତ

କରିଛନ୍ତି । ଭାରତର କୌଣସି ରାଷ୍ଟ୍ରପତିଙ୍କ ଏହା ହେଉଛି ପ୍ରଥମ ଫିଜି ଗସ୍ତ ।

## ରାଜ୍ୟସଭା-ଶୂନ୍ୟକାଳ

ରାଜ୍ୟସଭାରେ ଆଜି ଶୂନ୍ୟକାଳରେ ଅନେକ ସାଂସଦ ଜନକଲ୍ୟାଣ ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ବିଜେପିର ସୌମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି ବାଂଲାଦେଶରୁ ପଶ୍ଚିମବଙ୍ଗ ଆସୁଥିବା ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ବିଚାର କରିବା ଆବଶ୍ୟକ । ସେ କହିଛନ୍ତି ପଶ୍ଚିମବଙ୍ଗରେ ପ୍ରବାସୀ ଶ୍ରମିକମାନେ ଆକ୍ରମଣର ଶିକାର ହେଉଛନ୍ତି । ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଜନସଂଖ୍ୟାବହୁଳ ଅଞ୍ଚଳ ଗୁଡ଼ିକରେ ଆକ୍ରମଣ ବୃଦ୍ଧି ପାଇଛି । ରାଜ୍ୟର ଗଣତାନ୍ତ୍ରିକ ସଂରଚନା ଏବଂ ସୁରକ୍ଷା ବ୍ୟବସ୍ଥା ବିପଦରେ ରହିଥିବା ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି । ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ବିଜେପି ସାଂସଦ ଦର୍ଶନା ସିଂହ ଖୋଲା ବୋର୍‌ୱେଲରେ ଶିଶୁମାନେ ପଡି ମୃତ୍ୟୁବରଣ କରୁଥିବା ବିଷୟ ଉତ୍‌ଥାପନ କରିଛନ୍ତି । ସେ କହିଛନ୍ତି ଏଭଳି ଘଟଣାର ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

କେରଳର କଂଗ୍ରେସ ସାଂସଦ ଜେ.ବି. ମାଥେର ହିସାମ କହିଛନ୍ତି ବିଦେଶ ଯାତ୍ରା ନିମନ୍ତେ ବିମାନଭଡା ଅହେତୁକ ବୃଦ୍ଧି ପାଇଛି, ଯାହାଫଳରେ ଗରିବ ଏବଂ ମଧ୍ୟବିତ୍ତ ଲୋକମାନଙ୍କ ପାଇଁ ବିଦେଶ ଯାତ୍ରା ଜଟିଳ ହୋଇପଡିଛି । ସରକାର ଏ ସମ୍ପର୍କରେ ଉଚିତ୍ ପଦକ୍ଷେପ ନେବାପାଇଁ ସେ ଅନୁରୋଧ କରିଛନ୍ତି । ଆଲୋଚନା ସମୟରେ ଦେଶରେ

କର୍କଟ ରୋଗ ବୃଦ୍ଧି ପାଉଥିବା ବିଷୟ ଆମ୍ ଆଦ୍‌ମୀ ପାର୍ଟି ସାଂସଦ ସଞ୍ଜୟ ସିଂହ କହିଛନ୍ତି ।

ବିଜୁ ଜନତା ଦଳ ସାଂସଦ ମୁଜିବୁଲ୍ଲା ଖାଁ କହିଛନ୍ତି ଓଡ଼ିଶାରେ ଅନେକ ଗୁଡ଼ିଏ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି । ରାଜ୍ୟସଭା ଅଧ୍ୟକ୍ଷ ଏନେଇ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି ।

## ଲୋକସଭା-ସାହାରା

ସାହାରା ଇଣ୍ଡିଆ ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏବଂ ସାହାରା ହାଉସିଂ ଇନ୍‌ଭେଷ୍ଟମେଣ୍ଟ କର୍ପୋରେସନ ୧୭ହଜାର ୨୫୦ ଜଣଙ୍କୁ ଏପର୍ଯ୍ୟନ୍ତ ୧୩୮କୋଟି ଟଙ୍କା ଫେରସ୍ତ କରିଥିବା ଜଣାପଡିଛି । ଆଜି ଲୋକସଭାରେ ପ୍ରଶ୍ନକାଳରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସାହାରା ଇଣ୍ଡିଆ ଫାଇନାନ୍ସ କମ୍ପାନୀ ୩ କୋଟି ୭ଲକ୍ଷ ଜମାକର୍ତ୍ତାଙ୍କ ପାଖାପାଖି ୨୬ହଜାର କୋଟି ଟଙ୍କା ସଂଗ୍ରହ କରିଛି । ସେ କହିଛନ୍ତି ସୁପ୍ରିମକୋର୍ଟ ଏବଂ ସେବି ଦ୍ୱାରା ଗଠିତ କମିଟି ଦ୍ୱାରା ଜମାକର୍ତ୍ତାମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଜାରି ରହିଛି ।

## ସିଡିଏସ୍-କନ୍‌ଫରେନ୍ସ

ପ୍ରତିରକ୍ଷା ମୁଖ୍ୟ ଅଧ୍ୟକ୍ଷ ଜେନେରାଲ ଅନୀଲ ଚୌହ୍ୱାନ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ତ୍ରି-ସେବା ଆର୍ଥିକ ସମ୍ମିଳନୀର ଅଧ୍ୟକ୍ଷତା କରୁଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ସୁରକ୍ଷା ବଳଗୁଡ଼ିକ ମଧ୍ୟରେ ଆର୍ଥିକ ସମସ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା । ସମ୍ମିଳନୀରେ ପ୍ରତିରକ୍ଷା କ୍ଷେତ୍ରର ଆର୍ଥିକ ଦିଗ ସହିତ ସମ୍ପର୍କିତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିବା ଏବଂ ଏ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା । ବୈଠକରେ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଆର୍ଥିକ ଅଧିକାରୀ, ପରାମର୍ଶଦାତା ଏବଂ ଅନ୍ୟ ଅଧିକାରୀମାନେ ଭାଗ ନେଇଛନ୍ତି ।

## ଲୋକସଭା-ଲୋନ୍

ଗ୍ରାମୀଣ ଅଞ୍ଚଳ ପାଇଁ ୨୦୧୪ରେ ତୃଣମୂଳସ୍ତରରେ ଋଣ ଉପଲବ୍ଧତା ୩୦ହଜାର କୋଟି ଥିବାବେଳେ ୨୦୨୪ରେ ଏହାକୁ ୨୫ଲକ୍ଷ ୪୬ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଲୋକସଭାରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି କୃଷକମାନଙ୍କ କଲ୍ୟାଣ ଏବଂ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଋଣ ପରିମାଣ ବୃଦ୍ଧି କରାଯାଇଛି । ସେ

କହିଛନ୍ତି ଜନଧନ ଯୋଜନା ଅଧୀନରେ ୫୨କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି । ଶ୍ରୀ ଚୌଧୁରୀ କହିଛନ୍ତି ଯୁବଗୋଷ୍ଠୀ ଲାଗି ମୁଦ୍ରା ଯୋଜନା ଏବଂ ଷ୍ଟାର୍ଟଅପ୍ ଯୋଜନା ସମେତ ଅନ୍ୟ କେତେକ ଯୋଜନା ଲାଗୁ କରାଯାଇଛି । ଏହାଛଡା କେନ୍ଦ୍ର ସରକାର ଯୁବଗୋଷ୍ଠୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଯୋଜନା ଆରମ୍ଭ କରିଛନ୍ତି । ଇତିମଧ୍ୟରେ ମୁଦ୍ରା ଯୋଜନା ଅନ୍ତର୍ଗତ ଋଣ ପରିମାଣ ୧୦ଲକ୍ଷରୁ ବୃଦ୍ଧି କରାଯାଇ ୨୦ଲକ୍ଷ କରାଯାଇଛି ।

## ପ୍ୟାରିସ୍-ଅଲମ୍ପିକ୍ସ ଷ୍ଟାମ୍ପ

କେନ୍ଦ୍ର ସରାକର ପ୍ୟାରିସ୍ ଅଲମ୍ପିକ୍ସ ଉପରେ ଏକ ସ୍ମାରକୀ ଡାକଟିକଟ ଜାରି କରିବେ । ସାମାଜିକ ଗଣମାଧ୍ୟମରେ ଭାରତୀୟ ଡାକ ବିଭାଗ ଏହି ବିଷୟ ଘୋଷଣା କରିଛି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏଥିଲାଗି ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍ଙ୍କ ପ୍ରତି ଭାରତର ଉତ୍ସାହ ଏବଂ ସମର୍ଥନ ପ୍ରତୀକ ସ୍ୱରୂପ ଏହି ଅଲମ୍ପିକ ଡାକଟିକଟ ପ୍ରଚଳନ ହେବ ।

# ବାଂଲାଦେଶ-ସଂଘର୍ଷ

ବଂଲାଦେଶରେ ଚାଲିଥିବା ହିଂସାତ୍ମକ ସଂଘର୍ଷରେ ୧୩ଜଣ ପୁଲିସ କର୍ମଚାରୀଙ୍କ ସମେତ ୯୦ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ସେଠାରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି । ଗତକାଲିଠାରୁ ସଂରକ୍ଷଣ ବିରୋଧୀ ଆନ୍ଦୋଳନରେ ଆୟୋଜକ ଛାତ୍ରଙ୍କ ହତ୍ୟା ନେଇ ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଛି । ବିକ୍ଷୋଭକାରୀମାନେ ସରକାରଙ୍କ ଇସ୍ତଫା ଦାବି କରିଛନ୍ତି ।

ଗତକାଲି ଢ଼ାକା ଏବଂ ଅନ୍ୟକେତେକ ଅଞ୍ଚଳରେ ଅନିର୍ଦ୍ଧିଷ୍ଟ କାଳ ଯାଏଁ କର୍ଫ୍ୟୁ ଜାରି କରାଯାଇଛି । ଆଜି ବିକ୍ଷୋଭକାରୀ ଛାତ୍ରଛାତ୍ରୀମାନେ ଢ଼ାକା ପର୍ଯ୍ୟନ୍ତ ର୍ୟାଲି କରିବା ନେଇ ଘୋଷଣା କରିଛନ୍ତି ଏବଂ ସମାଜର ସବୁ ଶ୍ରେଣୀର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ସରକାରର ଇସ୍ତଫା ଦାବି କରିବା ଲାଗି ଆହ୍ୱାନ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ହିଂସା ପ୍ରଦର୍ଶନ କରୁଥିବା ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଆଜିଠାରୁ ବୁଧବାର ଯାଏଁ ଦେଶବ୍ୟାପୀ ଛୁଟି ଘୋଷଣା କରାଯାଇଛି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନା' ପ୍ରଧାନମନ୍ତ୍ରୀ ନିବାସରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ବୈଠକ କରିଥିଲେ । ଏଥିରେ ଅନେକ ମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା, ସଚିବ, ସେନା, ନୌସେନା, ବାୟୁସେନା, ବାଂଲାଦେଶ ସୀମା ସୁରକ୍ଷା ବଳ ଏବଂ

ପୋଲିସବଳ ଯୋଗ ଦେଇଥିଲେ । ଅନ୍ୟପକ୍ଷରେ ବାଂଲାଦେଶରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି । ସେଠାକାର ଦୂରସଞ୍ଚାର ନିୟାମକ ଆୟୋଗ କହିଛନ୍ତି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦେଶରେ ଫୋର୍-ଜି ନେଟଓ୍ୱର୍କ ବନ୍ଦ ରହିବ ।

## ଅମରନାଥ ଯାତ୍ରା ସସ୍‌ପେଣ୍ଡ

ସୁରକ୍ଷା କାରଣରୁ ଅମରନାଥ ଯାତ୍ରାକୁ ଆଜିପାଇଁ ସ୍ଥଗିତ ରଖାଯାଇଛି । ଆମ ଆକାଶବାଣୀ ଜାମ୍ମୁର ସମ୍ବାଦଦାତା ସୂଚନା ଦେଇଛନ୍ତି, ଗୁଇନ୍ଦା ସଂସ୍ଥାର ସୂଚନା ଅନୁଯାୟୀ ଭଗବତୀ ନଗର ମୂଳ କ୍ୟାମ୍ପରୁ ଆଜି ଆରମ୍ଭ ହେବାକୁ ଥିବା ଯାତ୍ରା ସ୍ଥଗିତ ରଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ଅଖନୁର ଏବଂ ଜାମ୍ମୁର ଅନ୍ୟ ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଇତିମଧ୍ୟରେ ଅନୁଚ୍ଛେଦ-୩୭୦ ହଟିବାକୁ ଆଜି ୫ ବର୍ଷ ପୁରୁଥିବାବେଳେ ବିଜେପି ପକ୍ଷରୁ ଆର୍.ଏସ୍.ପୁରାରେ ଏକ ବିଶାଳ ର୍ୟାଲି ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ର୍ୟାଲିରେ ଦଳୀୟ ନେତା ଏବଂ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ପ୍ରମୁଖ ଯୋଗଦେବେ ।

# ପୁନେ-ଜିକା ଭାଇରସ୍

ମହାରାଷ୍ଟ୍ରର ପୁଣେରେ ଜିକା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଗତକାଲି ୫ଜଣ ଗର୍ଭବତୀ ମହିଳା ଏବଂ ଅନ୍ୟ ୨ଜଣ ଜିକା ଭାଇରସ୍‌ରେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି । ପୁଣେରେ ଜିକା ଭାଇରସ ସଂକ୍ରମିତଙ୍କ ସଂଖ୍ୟା ୭୨କୁ ବୃଦ୍ଧି ପାଇଥିବା ଜଣାପଡିଛି ।

# ବିହାର ଡେଥ୍

ବିହାରର ବୈଶାଳୀ ଜିଲ୍ଲାର ସୁଲତାନପୁରରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଫଳରେ ୯ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୨ଜଣ ଏଥିରେ ଗୁରୁତର ଆହତ ହୋଇଛନ୍ତି । ସେମାନେ ଯାଉଥିବା ଗାଡ଼ିଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଫଳରେ ଏହି ଦୁର୍ଘଟଣା ଘଟିଛି । ହାଜିପୁରର ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ ରାମବାବୁ ଆକାଶବାଣୀକୁ କହିଛନ୍ତି ଏହି ଘଟଣା ଗତକାଲି ରାତି ୧୧ଟା ସମୟରେ ଘଟିଛି, ଯେଉଁ ସମୟରେ ଶ୍ରଦ୍ଧାଳୁମାନେ ତୃତୀୟ ସୋମବାର ଲାଗି ଜଳଲାଗି କରିବା ନିମନ୍ତେ ସୋନପୁରର ବାବା ହରିହରନାଥ ମନ୍ଦିରକୁ ଯାଉଥିଲେ ।

# ୟୁକ୍ରେନ୍-ଏଫ୍ ୧୬

ୟୁକ୍ରେନ୍‌ର ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନସ୍କି ଆମେରିକାରେ ନିର୍ମିତ ଏଫ୍-୧୬ ଯୁଦ୍ଧ ବିମାନ ତାଙ୍କ ଦେଶକୁ ମିଳିଥିବା କହିଛନ୍ତି । ଏହି ଘୋଷଣା କରି ସେ ଡେନମାର୍କ, ନେଦରଲାଣ୍ଡ ଏବଂ ଆମେରିକାକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ୟୁକ୍ରେନ୍‌ର ପାଇଲଟମାନେ ପୂର୍ବରୁ ଏଫ୍-୧୬ ଯୁଦ୍ଧ ବିମାନର ବ୍ୟବହାର କରିସାରିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଗତ ଜୁଲାଇ ମାସର ଅନ୍ତିମ ସପ୍ତାହରେ ଆମେରିକା ପକ୍ଷରୁ ୟୁକ୍ରେନ୍‌କୁ ୧୦ଟି ଏଫ୍-୧୬ ଯୁଦ୍ଧ ବିମାନ ମିଳିସାରିଛି । ଏହି ବିମାନ ୟୁକ୍ରେନ୍ ବାୟୁସେନାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଚେତାବନୀ ଦେଇଛନ୍ତି ଯଦି ନାଟୋ ସମୂହ ଦେଶ ୟୁକ୍ରେନ୍‌କୁ ଯୁଦ୍ଧବିମାନ ପ୍ରଦାନ କରେ, ରୁଷ୍ ନାଟୋ ସମୂହ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବା ଉପରେ ବିଚାର କରିବ । ଆମେରିକାରେ ନିର୍ମିତ ଏଫ୍-୧୬ ବିମାନ ଗତ ୫୦ବର୍ଷ ହେବ ନାଟୋ ସମୂହ ଦେଶ ସମେତ ଅନ୍ୟକେତେକ ଦେଶର ସେନାରେ ପ୍ରମୁଖ ଯୁଦ୍ଧ ବିମାନ ଭାବେ ବ୍ୟବହାର ହେଉଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗତବର୍ଷ ଅଗଷ୍ଟରେ ୟୁକ୍ରେନ୍‌ରେ ଏଫ୍-୧୬ ବିମାନ ମୁତୟନ ଲାଗି ଅନୁମତି ପ୍ରଦାନ କରିଥିଲେ ।

# କାଠମାଣ୍ଡୁ-ଯାତ୍ରା

ନେପାଳର ପାଟନରେ ଭୋଟୋ ଯାତ୍ରା ସମାରୋହ ଆଜି ସମ୍ପନ୍ନ ହେଉଛି । କାଠମାଣ୍ଡୁ ଘାଟିରେ ଏହି ଯାତ୍ରାରେ ଭାଗ ନେବା ଲାଗି ହଜାର ହଜାର ସଂଖ୍ୟାର ଲୋକ ଯୋଗ ଦେଇଛନ୍ତି । ଏକାମସ ବ୍ୟାପୀ ଚାଲିଥିବା ମଚ୍ଛିନ୍ଦରନାଥ ଯାତ୍ରାର ଶେଷ ଦିନରେ ଭୋଟୋ ଯାତ୍ରା ସମାରୋହ ଅନୁଷ୍ଠିତ ହୋଇଥାଏ ।

# ଇରାନ୍-ଇସ୍ରାଏଲ ଆମେରିକା

ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ବିବାଦ ମଧ୍ୟରେ ଇରାନ୍ ଏବଂ ହିଜ୍‌ବୁଲ୍ଲାର ସମ୍ଭାବିତ ଆକ୍ରମଣ ପରିପ୍ରେକ୍ଷୀରେ ଜି-୭ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କୁ କଡା ଚେତାବନୀ ଦେଇଛନ୍ତି । ହିଜ୍‌ବୁଲ ଏବଂ ହମାସ୍‌ର ପ୍ରମୁଖ ନେତାମାନଙ୍କୁ ହତ୍ୟା କରାଯିବା ପରେ ଆମେରିକା ବିଦେଶ ମନ୍ତ୍ରୀ ଏହି ଚେତାବନୀ ଜାରି କରିଛନ୍ତି ।